# Virtual Summit between Prime Minister Shri Narendra Modi and Sweden's Prime Minister H.E. Mr. Stefan Löfven

March 04, 2021

---

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱିଡେନର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ଷ୍ଟିଫାନ ଲୋଫଭେନଙ୍କ ମଧ୍ୟରେ ଭର୍ଚୁଆଲ ସମ୍ମିଳନୀ

ମାର୍ଚ୍ଚ 04, 2021

1. ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱିଡେନର ପ୍ରଧାନମନ୍ତ୍ରୀ ମାନ୍ୟବର ଷ୍ଟିଫାନ ଲୋଫଭେନଙ୍କ ମଧ୍ୟରେ 5 ମାର୍ଚ୍ଚ 2021 ରେ ଏକ ଭର୍ଚୁଆଲ ସମ୍ମିଳନୀ ଅନୁଷ୍ଠିତ ହେବ।

2. 2015 ପରଠାରୁ ଏହା ଦୁଇ ନେତାଙ୍କ ମଧ୍ୟରେ ପଞ୍ଚମ ପାରସ୍ପରିକ ସାକ୍ଷାତ ହେବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଭାରତ ନର୍ଡିକ୍ ଶିଖର ସମ୍ମିଳନୀରେ ଭାଗନେବା ପାଇଁ ଏପ୍ରିଲ 2018 ରେ ଷ୍ଟକହୋମ ଗସ୍ତ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀ ଷ୍ଟିଫାନ ଲୋଫଭେନ ଫେବୃଆରୀ 2016 ରେ ସ୍ୱତନ୍ତ୍ର ମେକ୍ ଇନ୍ ଇଣ୍ଡିଆ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିଥିଲେ। ଏହାପୂର୍ବରୁ ସେପ୍ଟେମ୍ବର 2015 ରେ ଦୁଇ ନେତା ମିଳିତ ଜାତିସଂଘ ସାଧାରଣ ପରିଷଦରେ ସାକ୍ଷାତ କରିଥିଲେ। ଏପ୍ରିଲ 2020 ରେ ଦୁଇ ପ୍ରଧାନମନ୍ତ୍ରୀ ଟେଲିଫୋନ ଜରିଆରେ ବାର୍ତ୍ତାଳାପ କରି କୋଭିଡ-19 ମହାମାରୀରୁ ଉପୁଜିଥିବା ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ଏତଦବ୍ୟତୀତ ସ୍ୱିଡେନର ରାଜା ମହାମହିମ କାର୍ଲ ଷୋଡଶ ଗୁସ୍ତାଫ ଏବଂ ରାଣୀ ସିଲଭିଆ ଡିସେମ୍ବର 2019 ରେ ଭାରତ ଗସ୍ତରେ ଆସିଥିଲେ।

3. ଗଣତନ୍ତ୍ର, ସ୍ୱାଧୀନତା, ବହୁମୁଖୀତା ଏବଂ ନିୟମ ଆଧାରିତ ଆନ୍ତର୍ଜାତୀୟ ମୂଲ୍ୟବୋଧକୁ ନେଇ ଭାରତ ଏବଂ ସ୍ୱିଡେନ ମଧ୍ୟରେ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ନବସୃଜନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ତଥା ଅନୁସନ୍ଧାନ ଏବଂ ବିକାଶ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଅତି ଘନିଷ୍ଠ ସହଯୋଗ ରହିଛି। ସ୍ୱିଡେନର ପ୍ରାୟ 250 ଟି କମ୍ପାନୀ ଭାରତରେ ସ୍ୱାସ୍ଥ୍ୟ ଏବଂ ଜୀବ ବିଜ୍ଞାନ, ଯାନବାହାନ, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଭାରୀ ଯନ୍ତ୍ର ଏବଂ ଯନ୍ତ୍ରପାତି ଭଳି ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ସ୍ୱିଡେନରେ ପ୍ରାୟ 75 ଟି ଭାରତୀୟ କମ୍ପାନୀ ମଧ୍ୟ ସକ୍ରିୟ ଅଛନ୍ତି।

4. ଏହି ସମ୍ମିଳନୀ ଅବସରରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ବିସ୍ତୃତ ଆଲୋଚନା କରିବେ ଏବଂ କୋଭିଡ କାଳରେ ପାରସ୍ପରିକ ସହଯୋଗକୁ ଆହୁରି ଦୃଢ କରିବା ସହିତ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ମତ ବିନିମୟ କରିବେ।

ନୂଆଦିଲ୍ଲୀ
ମାର୍ଚ୍ଚ 04, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.